ବିହାର ରାଜ୍ୟ ଏବଂ ଅନ୍ୟମାନେ

ବନାମ

ମହନ୍ତ ବଳରାମ ଦାସ

ଏପ୍ରିଲ 22, 1996

[କେ. ରାମସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ବିହାର ଭୂ-ସଂସ୍କାର (ସର୍ବାଧିକ ସୀମା ନିର୍ଦ୍ଧାରଣ ଏବଂ ବଳକା ଜମି ଅଧିଗ୍ରହଣ) ଅଧିନିୟମ, 1961/ସଂଶୋଧନ ଅଧିନିୟମ, 1982:ଧାରା 6, 7, 8, 9, 10, 11, 32-A, 32-B -ନିର୍ଣ୍ଣୟ ହେଲା, କୌଣସି ମାମଲା ଚୂଡ଼ାନ୍ତ ହେବା କିମ୍ବା ବିଚାରାଧୀନ ଥିବା ସତ୍ତ୍ୱେ, ଏହା ସମାପ୍ତ ହୋଇଛି -ଫଳସ୍ୱରୂପ ଜିଲ୍ଲାପାଳଙ୍କୁ ଧାରା 10 ଅନୁଯାୟୀ ଆବଶ୍ୟକ ଚିଠା ବିବୃତ୍ତିକୁ ନୂତନ ଭାବେ ପ୍ରସ୍ତୁତ କରିବାକୁ ପଡିବ ଏବଂ ମାଲିକଙ୍କ ଠାରୁ ଆପତ୍ତି ଆହ୍ୱାନ କରି ଏହାକୁ ପ୍ରକାଶ କରିବାକୁ ପଡିବ ଏବଂ ତା' ପରେ ଧାରା 10 ର ଉପ-ଧାରା (3) ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ ।*

ଦେୱାନୀ ଅପିଲିୟ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 7768/1996 ।

C.W.J.C ସଂଖ୍ୟା 8237/1992ରେ ପାଟନା ଉଚ୍ଚ ନ୍ୟାୟାଳୟର 15.12.92 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପାଇଁ ବି. ପି. ସିଂହ ।

ଉଟରଦାତାଙ୍କ ପାଇଁ ଏ. ଶରଣ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଆମେ ଉଭୟ ପକ୍ଷର ବିଦ୍ୱାନ ଅଧିବକ୍ତାଙ୍କୁ ଶୁଣିଛୁ ।

ବିହାର ଭୂ-ସଂସ୍କାର (ସର୍ବାଧିକ ସୀମା ନିର୍ଦ୍ଧାରଣ ଏବଂ ବଳକା ଜମି ଅଧିଗ୍ରହଣ) ଅଧିନିୟମ, 1961 (1962 ର ବିହାର ଅଧିନିୟମ XII) (ସଂକ୍ଷେପରେ, 'ଅଧିନିୟମ') ର ଧାରା 10 ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଥିଲା । ଅଧିନିୟମ 10 (1) ଅନୁଯାୟୀ ଅଧିସୂଚନା ଜିଲ୍ଲାପାଳଙ୍କ ଦ୍ୱାରା ଧାରା 6, 8 ଏବଂ 9 ଅନୁଯାୟୀ ଜମି ବିଷୟରେ ପ୍ରାପ୍ତ ସୂଚନା କିମ୍ବା ଧାରା 7 ଅନୁଯାୟୀ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରାପ୍ତ ସୂଚନା ଆଧାରରେ ପ୍ରସ୍ତୁତ ହେବା ଆବଶ୍ୟକ । ଜିଲ୍ଲାପାଳ ଏଥିରେ ଉଲ୍ଲେଖିତ ବିବରଣୀ ଜାରି କରି ଏକ ଚିଠା ବିବୃତ୍ତି ପ୍ରସ୍ତୁତ କରାଇବେ । ଚିଠା ବିବୃତି ଜିଲ୍ଲାର ସରକାରୀ ଗେଜେଟରେ ଏବଂ ନିୟମ ଅନୁଯାୟୀ ତାଲିକାଭୁକ୍ତ କରାଯାଇଥିବା ଅନ୍ୟ ସ୍ଥାନରେ ପ୍ରକାଶିତ ହେବ । ଉପ-ଧାରା (3) ଅନୁଯାୟୀ ସେଥିରେ ଗ୍ରହଣ କରାଯାଇଥିବା ଆପତ୍ତିଗୁଡ଼ିକର ସମାଧାନ କରିବା ଆବଶ୍ୟକ

। ଧାରା 11 ଅନୁଯାୟୀ, ତାଙ୍କୁ ନିର୍ଦ୍ଧାରିତ ପଦ୍ଧତିରେ ଚିଠା ବିବୃତିର ଚୂଡ଼ାନ୍ତ ପ୍ରକାଶନ କରିବାକୁ ପଡିବ । ଚୂଡ଼ାନ୍ତ ବିବୃତି ବିରୁଦ୍ଧରେ, ଏକ ଅପିଲ, ପୁନରୀକ୍ଷଣ କିମ୍ବା ସମୀକ୍ଷା ଇତ୍ୟାଦି ଏହି ଅଧିନିୟମରେ ପ୍ରଦାନ କରାଯାଇଛି । 1982 ମସିହାରେ ବିହାର ଭୂ ସଂସ୍କାର (ସର୍ବାଧିକ ସୀମା ନିର୍ଦ୍ଧାରଣ ଏବଂ ବଳକା ଜମି ଅଧିଗ୍ରହଣ) (ସଂଶୋଧନ) ଅଧିନିୟମ ପ୍ରଣୟନ କରାଯାଇଥିଲା ।ଧାରା 32-A ଅନୁଯାୟୀ, ଧାରା 8 କିମ୍ବା ଉପଧାରା (3) କିମ୍ବା ଉପଧାରା (16) ଅନୁଯାୟୀ ପାରିତ ଆଦେଶରୁ ଉପୁଜିଥିବା ବ୍ୟତୀତ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ବିଚାରାଧୀନ ଅପିଲ, ପୁନରୀକ୍ଷଣ, ସମୀକ୍ଷା କିମ୍ବା ବିଚାରାର୍ଥେ ପ୍ରେରଣ ସମାପ୍ତ ହେବ । ସଂଶୋଧନ ପରେ, ଏହା ଅଧୀନରେ ଥିବା ସର୍ତ୍ତାବଳୀ ଅନୁଯାୟୀ, ଜିଲ୍ଲାପାଳ ଧାରା 10 ର ବ୍ୟବସ୍ଥା ଅନୁଯାୟୀ ନୂତନ ଭାବରେ ମାମଲା ସହିତ ଆଗକୁ ବଢ଼ିବେ । ସେହିଭଳି, ଧାରା 32-B ମଧ୍ୟ ଅଧିନିୟମର ଧାରା 11 ଦ୍ୱାରା ବିଚାର କରାଯାଇଥିବା ନୂତନ କାର୍ଯ୍ୟାନୁଷ୍ଠାନର ପରିକଳ୍ପନା କରିଛି । ତେଣୁ ଏହା ସ୍ପଷ୍ଟ ହେବ ଯେ, ଧାରା 32-A ଏବଂ 32-B ର କାର୍ଯ୍ୟକାରିତା ଦ୍ୱାରା କୌଣସି ମାମଲା ଚୂଡ଼ାନ୍ତ କିମ୍ବା ବିଚାରାଧୀନ ହେବା ସତ୍ତ୍ୱେ, ସମସ୍ତ କାର୍ଯ୍ୟାନୁଷ୍ଠାନ ସମାପ୍ତ ହେବ । ଫଳସ୍ୱରୂପ ଜିଲ୍ଲାପାଳଙ୍କୁ ଧାରା 10 ଅନୁଯାୟୀ ଆବଶ୍ୟକ ଚିଠା ବିବୃତି ପ୍ରସ୍ତୁତ କରିବାକୁ ପଡିବ ଏବଂ ଜମିଧାରୀଙ୍କ ଠାରୁ ଆପତ୍ତି ଆହ୍ୱାନ କରି ଆଇନ ଅନୁଯାୟୀ ଏହାକୁ ପ୍ରକାଶ କରିବାକୁ ପଡିବ ଏବଂ ତା'ପରେ ଧାରା 10 ର ଉପଧାରା (3) ଅନୁଯାୟୀ ଆଗକୁ ବଢ଼ିବାକୁ ପଡିବ । ଏହି ସ୍ୱୀକୃତ ଆଇନଗତ ସ୍ଥିତିକୁ ଦୃଷ୍ଟିରେ ରଖି, C.W.J.C. ନଂ. 8237/92 ରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଡିସେମ୍ବର 15, 1992 ରେ ନିଆଯାଇଥିବା ମତ ଆଇନ ଦୃଷ୍ଟିରୁ ଠିକ୍ ନୁହେଁ ।

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ଅଗ୍ରାହ୍ୟ କରିଦିଆଯାଇଛି । ଧାରା 10 ଅନୁଯାୟୀ ନୂତନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏବଂ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଜିଲ୍ଲାପାଳଙ୍କ ପାଇଁ ଉନ୍ମୁକ୍ତ ରହିବ । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।